# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 October - 2024**

**News Editor : Tapan Kumar Moharana**

************************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ମହାନ ରାଷ୍ଟ୍ରନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧା ଏବଂ ବିନମ୍ରତାର ସହ କରାଯାଉଛି ପାଳନ ।
- ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସଂକଳ୍ପ ନେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟ ବିଧାନସଭା ପରିସରରେ ସ୍ୱତନ୍ତ୍ର ସମାରୋହରେ ଦୁଇ ମହାନାୟକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ।
- ଜୀବଜନ୍ତୁଙ୍କ ସୁରକ୍ଷା ନେଇ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜିଠୁ ପାଳନ କରାଯାଉଛି ବନ୍ୟପ୍ରାଣୀ ସପ୍ତାହ ।

ଏବଂ

- ଶାରଦୀୟ ପୂଜା ଅବସରରେ ପୁରୀ ଶ୍ରୀକ୍ଷେତ୍ରରେ ଆଜିଠୁ ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ଗୁଣ୍ଡିଚା ଯାତ୍ରା ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଦେଶର ଦୁଇ ମହାନ ଜନନାୟକଙ୍କୁ ଆଜି ଦେଶବାସୀ ସ୍ମରଣ କରିଛନ୍ତି । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ହେଉଛି ଜନ୍ମଦିବସ । ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଅହିଂସାର ପୂଜାରୀ ବାପୁଜୀ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ମୁକ୍ତି ସଂଗ୍ରାମରେ ସିଏ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ପ୍ରବର୍ତ୍ତନ କରିଥିଲେ । ଏହାର ପ୍ରଭାବ ଏବେମଧ୍ୟ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଇଚାଲିଛି ।

୧୯୦୪ ମସିହାରେ ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ । ପିଲାଟିଦିନରୁ ଗାନ୍ଧୀଜୀଙ୍କ ଜାତୀୟତାର ପ୍ରେମରେ ସେ ଅନୁପ୍ରାଣିତ ହୋଇଥିଲେ । ବାପୁଜୀଙ୍କ ଡାକରାରେ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସେ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ସ୍ଲୋଗାନ 'ଜୟ ଜବାନ-ଜୟ କିଷାନ' ଆଜି ମଧ୍ୟ ଦେଶବାସୀଙ୍କ ପାଖରେ ଅମର ବାଣୀ ହୋଇ ରହିଛି ।

ଏହି ଦୁଇ ମହାନ ନାୟକଙ୍କ ସ୍ମୃତି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଶେଷ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

**ପୁରୀ** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜୟନ୍ତୀ ସମାରୋହ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷାରେ ଆୟୋଜିତ ଏହି ସମାରୋହରେ ବାପୁଜୀ ଏବଂ ଶାନ୍ତିଦୂତଙ୍କ ଜୀବନାଦର୍ଶ ଉପରେ ଆଲୋଚନା ହୋଇଥିଲା । ଗାନ୍ଧୀଘାଟଠାରେ ସକାଳୁ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଏବଂ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଗାନ୍ଧୀପଡ଼ିଆଠାରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସର୍ବଧର୍ମ ପ୍ରାର୍ଥନାସଭା ଅନୁଷ୍ଠିତ ହୋଇଥିଲା । ମା’ ମାଣିକେଶ୍ୱରୀ ମନ୍ଦିର ପରିସରରେ ସଫେଇ କରାଯିବା ସହ ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଦୁଇ ଜନନାୟକଙ୍କ ସ୍ମୃତିଚାରଣ କରିଥିଲେ । ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ

ସେବା ସମ୍ପର୍କିତ ଏକ ଶୋଭାଯାତ୍ରା ସ୍ୱୟଂଶାଶିତ ମହାବିଦ୍ୟାଳୟଠାରୁ ବାହାର ପୌରପରିଷଦ ପର୍ଯ୍ୟନ୍ତ ଯାଇଥିଲା ।

**ନୟାଗଡ** ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଚାରାରୋପଣ କରିଥିଲେ । ସଫେଇ ମିତ୍ର, ପରିବେଶବିତ୍ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବିଜ୍ଞପିତ ଅଞ୍ଚଳ ପରିଷଦ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

**ମାଲକାନଗିରି** ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ପ୍ରଶାସନ ଏବଂ ଓକିଲ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛଭାରତ ଦିବସ ପାଳିତ ହୋଇଛି । ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପରିଷଦ, ଜାତୀୟ ରାଜପଥ ଏବଂ ମାଲକାନଗିରି ମହାବିଦ୍ୟାଳୟ ରାସ୍ତାର ସଫେଇ କାମରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ଓକିଲ ସଂଘର ସଦସ୍ୟ ଯୋଗ ଦେଇଥିଲେ ।

**ଢେଙ୍କାନାଳ** ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଏବଂ ଲୋକସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ଯୋଗଦେଇ ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ । ସେଠାରେ ଗୀତାପାଠ ସହ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି । ସ୍ୱଚ୍ଛତା ହିଁ ସେବା ପକ୍ଷ ଉଦ୍‌ଯାପନୀ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀୟ ପ୍ରତିଯୋଗୀ ଏବଂ ସ୍ୱଚ୍ଛତା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ସାଂସଦ ମାଳବିକା ଦେବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ଭଦ୍ରକ** ଜିଲ୍ଲାର ଚରମ୍ପାଠାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

**କେନ୍ଦୁଝର** ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ସମାରେହରେ ସାଂସଦ ଅନନ୍ତ ନାୟକ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

**ବଲାଙ୍ଗିର** ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମାରୋହରେ ଦୁଇ ରାଷ୍ଟ୍ରନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ରାମଧୂନ ପ୍ରଚାର କରାଯାଇଥିଲା ।

**ଗଞ୍ଜାମ** ଜିଲ୍ଲାସ୍ତରୀୟ ସମାରୋହ ଛତ୍ରପୁରଠାରେ ଅନୁଷ୍ଠିତ ହୋଇଛି । ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସହ ଛତ୍ରପୁର କଳାବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

# ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା ୨୦୨୪ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛ ଭାରତକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ସ୍ୱଚ୍ଛତାକୁ ଜନ ଆନ୍ଦୋଳନରେ ପରିଣତ କରିବଥିବାରୁ ଭାରତବାସୀଙ୍କ ଅତୁଟ ମନୋବଳକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏଭଳି କାର୍ଯ୍ୟକ୍ରମମାନ ଆଜି ଆୟୋଜନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ମଧ୍ୟରେ ଦେଶରେ ୨୭ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ୨୮କୋଟିରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ଭବିଷ୍ୟତରେ ସ୍ୱଚ୍ଛଭାରତ ଅଭିଯାନ ଜନମାନସରେ ସ୍ମରଣୀୟ ହୋଇ ରହିବ । ଚଳିତ ଶତାବ୍ଦୀର ଏହା ବିଶ୍ୱର ସବୁଠାରୁ ବଡ ଏବଂ ସଫଳ ଜନ ଭାଗିଦାରୀ କାର୍ଯ୍ୟକ୍ରମ ବୋଲି ସେ କହିଛନ୍ତି । ଏଭଳି ପ୍ରୟାସ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ବରପୁତ୍ରଙ୍କ ପରିକଳ୍ପିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଛନ୍ତି । ପରିମଳ ଏବଂ ସ୍ୱଚ୍ଛତା ସହ ଜଡିତ ୯ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି ।

## ଗାନ୍ଧୀ ଜୟନ୍ତୀ-ବିଧାନସଭା

ଜାତିର ପିତାଙ୍କ ୧୫୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଓଡ଼ିଶା ବିଧାନସଭା ପରିସରରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଛି । ଏଥିରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବାପୁଜୀଙ୍କ ପ୍ରିୟ ଆଶ୍ରମ ଭଜନ ଗାନ ସହ ଏକ ପ୍ରାର୍ଥନା ସଭା ଆୟୋଜିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ମହାତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଦେଶର ଦୁଇ ମହାନ ଜନନାୟକଙ୍କୁ ଆଜି ଦେଶବାସୀ ସ୍ମରଣ କରିଛନ୍ତି । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ହେଉଛି ଜନ୍ମଦିବସ । ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଅହିଂସାର ପୂଜାରୀ ବାପୁଜୀ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ମୁକ୍ତି ସଂଗ୍ରାମରେ ସିଏ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ପ୍ରବର୍ତ୍ତନ କରିଥିଲେ । ଏହାର ପ୍ରଭାବ ଏବେମଧ୍ୟ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଇଚାଲିଛି ।

୧୯୦୪ ମସିହାରେ ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ । ପିଲାଟିଦିନରୁ ଗାନ୍ଧୀଜୀଙ୍କ ଜାତୀୟତାର ପ୍ରେମରେ ସେ ଅନୁପ୍ରାଣିତ ହୋଇଥିଲେ । ବାପୁଜୀଙ୍କ ଡାକରାରେ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସେ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ସ୍ଲୋଗାନ 'ଜୟ ଜବାନ-ଜୟ କିଷାନ' ଆଜି ମଧ୍ୟ ଦେଶବାସୀଙ୍କ ପାଖରେ ଅମର ବାଣୀ ହୋଇ ରହିଛି ।

ବାପୁଜୀ ଏବଂ ଶାସ୍ତ୍ରୀଜୀ ଏହି ଦୁଇ ମହାନ ନାୟକଙ୍କ ସ୍ମୃତି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଶେଷ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

**ପୁରୀ** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜୟନ୍ତୀ ସମାରୋହ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷାରେ ଆୟୋଜିତ ଏହି ସମାରୋହରେ ବାପୁଜୀ ଏବଂ ଶାନ୍ତିଦୂତଙ୍କ ଜୀବନାଦର୍ଶ ଉପରେ ଆଲୋଚନା ହୋଇଥିଲା । ଗାନ୍ଧୀଘାଟଠାରେ ସକାଳୁ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଏବଂ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଗାନ୍ଧୀପଡ଼ିଆଠାରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସର୍ବଧର୍ମ ପ୍ରାର୍ଥନାସଭା ଅନୁଷ୍ଠିତ ହୋଇଥିଲା । ମା’ ମାଣିକେଶ୍ୱରୀ ମନ୍ଦିର ପରିସରରେ ସଫେଇ କରାଯିବା ସହ ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଦୁଇ ଜନନାୟକଙ୍କ ସ୍ମୃତିଚାରଣ କରିଥିଲେ । ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ

ସେବା ସମ୍ପର୍କିତ ଏକ ଶୋଭାଯାତ୍ରା ସ୍ୱୟଂଶାଶିତ ମହାବିଦ୍ୟାଳୟଠାରୁ ବାହାର ପୌରପରିଷଦ ପର୍ଯ୍ୟନ୍ତ ଯାଇଥିଲା ।

**ନୟାଗଡ** ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଚାରାରୋପଣ କରିଥିଲେ । ସଫେଇ ମିତ୍ର, ପରିବେଶବିତ୍ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବିଜ୍ଞପିତ ଅଞ୍ଚଳ ପରିଷଦ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

**ମାଲକାନଗିରି** ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ପ୍ରଶାସନ ଏବଂ ଓକିଲ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛଭାରତ ଦିବସ ପାଳିତ ହୋଇଛି । ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପରିଷଦ, ଜାତୀୟ ରାଜପଥ ଏବଂ ମାଲକାନଗିରି ମହାବିଦ୍ୟାଳୟ ରାସ୍ତାର ସଫେଇ କାମରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ଓକିଲ ସଂଘର ସଦସ୍ୟ ଯୋଗ ଦେଇଥିଲେ ।

**ଢେଙ୍କାନାଳ** ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଏବଂ ଲୋକସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ଯୋଗଦେଇ ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ । ସେଠାରେ ଗୀତାପାଠ ସହ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି । ସ୍ୱଚ୍ଛତା ହିଁ ସେବା ପକ୍ଷ ଉଦ୍‌ଯାପନୀ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀୟ ପ୍ରତିଯୋଗୀ ଏବଂ ସ୍ୱଚ୍ଛତା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ସାଂସଦ ମାଳବିକା ଦେବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ଭଦ୍ରକ** ଜିଲ୍ଲାର ଚରମ୍ପାଠାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

**କେନ୍ଦୁଝର** ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ସମାରେହରେ ସାଂସଦ ଅନନ୍ତ ନାୟକ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

**ବଲାଙ୍ଗିର** ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମାରୋହରେ ଦୁଇ ରାଷ୍ଟ୍ରନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ରାମଧୂନ ପ୍ରଚାର କରାଯାଇଥିଲା ।

**ଗଞ୍ଜାମ** ଜିଲ୍ଲାସ୍ତରୀୟ ସମାରୋହ ଛତ୍ରପୁରଠାରେ ଅନୁଷ୍ଠିତ ହୋଇଛି । ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସହ ଛତ୍ରପୁର କଳାବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

# ବନ୍ୟପ୍ରାଣୀ ସପ୍ତାହ

ବନ୍ୟପ୍ରାଣୀ ସପ୍ତାହ ଦେଶରେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ତଥା ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୂଳ ଉଦ୍ଦେଶ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ବନ୍ୟାପ୍ରାଣୀ ସପ୍ତାହ ପାଳନ ଅବସରରେ ଜୀବେଦୟା ସଂସ୍କୃତିକୁ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭିନ୍ନ ଭିନ୍ନ ବାର୍ତ୍ତାରେ ସେମାନେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ, ଆବାସ ସ୍ଥଳୀ ଗୁଡ଼ିକର ସୁରକ୍ଷା ଏବଂ ସେମାନଙ୍କର ଅଭିବୃଦ୍ଧି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ମହାଳୟା

ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ

ହୋଇଥିବା ପିତୃପକ୍ଷ ଆଜି ଶେଷ ହୋଇଛି । ପିଣ୍ଡଦାନ ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପିତୃପୁରୁଷଙ୍କ ମୁଖ୍ୟପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ । ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଶ୍ରଦ୍ଧାଳୁ ପିଣ୍ଡଦାନ କରୁଛନ୍ତି ।

ସେହିପରି ମହାଳୟା ଅବସରରେ ମା' ସମଲେଶ୍ୱରୀଙ୍କର ଧବଳମୁଖୀ ବେଶ ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଛି ।

ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଲୋକଦେବୀ ସୁରେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଆଜି ବଡ଼ି ଭୋର୍‌ରୁ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗିରହିଛି ।

## ଗୁପ୍ତଗୁଣ୍ଡିଚା ଯାତ୍ରା

ଶାରଦୀୟ ପୂଜା ଅବସରରେ ପୁରୀ ଶ୍ରୀକ୍ଷେତ୍ରରେ ଆଜିଠୁ ମହାପ୍ରଭୁଙ୍କର ଗୁପ୍ତଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଛି । ଦୁର୍ଗାମାଧବ ଉପାସନାର ପ୍ରତୀକ ସ୍ୱରୂପ ମହାପ୍ରଭୁ ଜଗନ୍ନାଥ ଗୁପ୍ତଗୁଣ୍ଡିଚାରେ ମା' ମହାଲକ୍ଷ୍ମୀ ସ୍ୱରୂପା ମା' ଦୁର୍ଗାଙ୍କୁ ନେଇ ଦୋଳମଣ୍ଡପସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଛନ୍ତି । ଲୋକକଥା ଅନୁଯାୟୀ ମା' ଲକ୍ଷ୍ମୀଙ୍କୁ ରଥଯାତ୍ରାବେଳେ ସାଙ୍ଗରେ ନେଇନଥିବା ହେତୁ ଅଭିମାନିନୀ ମା'ଙ୍କୁ ଗୁପ୍ତ ଗୁଣ୍ଡିଚାରେ ନେବାପାଇଁ ମହାପ୍ରଭୁ ପ୍ରତିଶ୍ରୁତି ଦେଇଥିଲେ । ଏହାର ପାଳନ ପୂର୍ବକ ଆଶ୍ୱିନ ମାସର ୧୬ପୂଜା ସମୟରେ ପ୍ରଥମ ୮ ଦିନ ଦୁର୍ଗାମାଧବ ଶ୍ରୀମନ୍ଦିର

ପରିସରରେ ଥିବା ମା’ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଇଥାନ୍ତି । ଶେଷ ୮ ଦିନ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିଜେ କରନ୍ତି ।

# ଜିଏସ୍‌ଟି

ଦେଶରେ ଦ୍ରବ୍ୟ ଓ ସେବାକର ବାବଦରେ ଗତ ସେପ୍ଟେମ୍ବର ମାସରେ ୧ଲକ୍ଷ ୭୩ ହଜାର କୋଟି ଟଙ୍କା ସଂଗ୍ରହ କରାଯାଇଛି । ଗତବର୍ଷ ଏହି ଅବଧି ତୁଳନାରେ ଜିଏସ୍‌ଟି ସଂଗ୍ରହ ୬ ଦଶମିକ ୫ ପ୍ରତିଶତ ବୃଦ୍ଧିପାଇଛି । ଗତବର୍ଷ ସେପ୍ଟେମ୍ବର ମାସରେ ୧ଲକ୍ଷ ୬୩ହଜାର କୋଟି ଟଙ୍କାର ଜିଏସ୍‌ଟି ସଂଗୃହୀତ ହୋଇଥିଲା । ଚଳିତବର୍ଷ ଏପର୍ଯ୍ୟନ୍ତ ମୋଟ୍ ୯ଲକ୍ଷ ୧୩ହଜାର କୋଟି ଟଙ୍କା ଜିଏସ୍‌ଟି ଆଦାୟ କରାଯାଇଛି ଯାହାକି ପୂର୍ବବର୍ଷ ତୁଳନାରେ ୧୦ ଦଶମିକ ୧ ପ୍ରତିଶତ ଅଧିକ ।